ଶନିବାର ,୧୭ ଜାନୁଆରୀ, ୨୦୨୬

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



# ଶୀତକୁ ସ୍ୱେଟର

## ଗପ



ଦିନେ କ୍ଲାସ୍‌ରେ ଶିକ୍ଷକ ପିଲାମାନଙ୍କୁ ଶୀତଋତୁ ବିଷୟରେ ରଚନା ଲେଖିବା ପାଇଁ କହିଲେ । ଏହି ଋତୁ ବିଷୟରେ ସବିଶେଷ ଆଲୋଚନା କରିବା ସହିତ ପୋଷାକ କଥା ମଧ୍ୟ ଆଲୋଚନା କଲେ। ସେ କହିଲେ, ଋତୁ ଅନୁସାରେ ପୋଷାକ ପରିଧାନ କରିବା ଆମମାନଙ୍କର ଏକ ଆବଶ୍ୟକତାରେ ପରିଣତ ହୋଇଯାଇଛି। ଗ୍ରୀଷ୍ମ ଋତୁରେ ସୂତା ଲୁଗା, ବର୍ଷା ଋତୁରେ ସାଧାରଣ ପୋଷାକ ସହିତ ରେନ୍ କୋଟ୍ ଏବଂ ଶୀତ ଋତୁରେ ମୋଟା ପୋଷାକ ସହିତ ସ୍ୱେଟର, ଜ୍ୟାକେଟ ପିନ୍ଧିବା ପ୍ରାୟ ସମସ୍ତଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସାର୍‌ଙ୍କଠାରୁ ସବୁକଥା ଶୁଣି ସାରିଲା ପରେ ଇଭା ମନରେ ଅନେକ ପ୍ରଶ୍ନ ଉଙ୍କିମାରିଲା।

ଇଭା ସାର୍‌ଙ୍କୁ ପଚାରିଲା ସାର, ଶୀତ ଦିନେ ଯେଉଁ ସ୍ୱେଟର ଆମେ ପିନ୍ଧୁ, ତାହା କିପରି ଆମ ଶରୀରକୁ ଉଷୁମ ରଖିପାରେ ? ସ୍ୱେଟର ଏବଂ ସାଧାରଣ ପୋଷାକ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ? ତା' ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାର କହିଲେ, ସ୍ୱେଟରଗୁଡିକ ମେଣ୍ଢାଲୋମରୁ ପ୍ରସ୍ତୁତ ପଶମରେ ତିଆରି ହୋଇଥିବାରୁ ଆମ ଶରୀରର ତାପମାତ୍ରାକୁ ଧରିରଖେ। ବାହାରର ଥଣ୍ଡା ଶରୀର ଭିତରକୁ ଯାଇପାରେ ନାହିଁ। ସାଧାରଣ ପୋଷାକଗୁଡିକ ଶରୀରର ତାପମାତ୍ରାକୁ ଧରିରଖିପାରେ ନାହିଁ । ତେଣୁ ତାହା ଥଣ୍ଡା ଲାଗେ। ସେଥିପାଇଁ ଶୀତଦିନେ ସ୍ୱେଟର ପିନ୍ଧିବା ଆବଶ୍ୟକ ହୋଇଥାଏ।

ଇଭା ପୁଣି ସାର୍‌ଙ୍କୁ ପଚାରିଲା ସାର୍, ସବୁପିଲା ତ ସ୍ୱେଟର କିଣି ପାରନ୍ତି ନାହିଁ। ଯେଉଁମାନେ ଟଙ୍କା ଅଭାବରୁ ସ୍ୱେଟର କିମ୍ବା ଜ୍ୟାକେଟ କିଣି ପାରନ୍ତି ନାହିଁ ସେମାନେ କିପରି ଥଣ୍ଡାରୁ ରକ୍ଷା ପାଆନ୍ତି ? ଇଭାର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାର୍ କହିଲେ, ଯେଉଁମାନେ ସ୍ୱେଟର କିମ୍ବା ଜ୍ୟାକେଟ କିଣି ପାରନ୍ତି ନାହିଁ ସେମାନେ ନିଆଁ ପୋଇଁ ଶୀତରୁ ରକ୍ଷା ପାଆନ୍ତି। ଶୀତଦିନରେ ଗରିବ ଲୋକମାନେ ଗରମ ପୋଷାକ ଅଭାବରୁ ନିଆଁ ଉପରେ ଭରସା କରି ଚଳନ୍ତି। ସାର୍‌ଙ୍କଠାରୁ ଏକଥା ଶୁଣି ଗରିବ ପିଲାମାନଙ୍କ ପ୍ରତି ଦୟା ଭାବ ଜାତ ହେଲା। ସେ ମନେ ମନେ ଚିନ୍ତାକଲା ତା'ର ତ ଦୁଇଟା ସ୍ୱେଟର ଅଛି। ଏବର୍ଷ ବାପା ଗୋଟିଏ କିଣି ଦେଇଛନ୍ତି, ଆଉ ଗୋଟିଏ ଗତବର୍ଷର ସ୍ୱେଟର ମଧ୍ୟ ଭଲ ଅଛି। ସେହି ପୁରୁଣା ସ୍ୱେଟରକୁ ତା'ର ସାଙ୍ଗ ଅଲିଭାକୁ ଦେବ। ଅଲିଭାର ପରିବାର ଗରିବ ହୋଇଥିବାରୁ ତା'ପାଇଁ ତା'ବାପା ସ୍ୱେଟର କିଣି ଦେଇ ନାହାନ୍ତି।

ତା' ପରଦିନ ସକାଳୁ ଇଭା ଅଲିଭା ଘରକୁ ଯାଇ ତା'ର ପୁରୁଣା ସ୍ୱେଟରଟା ଦେଇଦେଲା। କହିଲା ମୋର ଦୁଇଟା ସ୍ୱେଟର ଅଛି, ଏହି ଖଣ୍ଡକ ତୁ ପିନ୍ଧିବୁ। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ସ୍ୱେଟର ନିହାତି ଦରକାର। ଅଲିଭା ଭାରି ଖୁସିହୋଇ ଇଭାକୁ ଧନ୍ୟବାଦ ଜଣାଇଲା। ଦୁଇ ସାଙ୍ଗ ସ୍ୱେଟର ପିନ୍ଧି ମନଖୁସିରେ ଖେଳିବାକୁ ଗଲେ।

– ***ସତ୍ୟନାରାୟଣ ଦେହୁରୀ***

*ରାଧାନଗର, ବୌଦ୍ଧ , ମୋ: ୯୯୩୮୭୬୮୩୫୩*



# ଖିଲି ଖିଲି ହସ

ରିଙ୍କୁ ଟିଙ୍କୁକୁ କହିଲା– ତୋର ବୁଲାବଙ୍କା କଥାରେ ମୋ ମୁଣ୍ଡ ଘୂରିଯାଉଛି। ମୁଁ ତମ ଘରକୁ ଆସୁଛି।

ଟିଙ୍କୁ : ଆରେ, ତେବେ ତୁ ଆମ ଘରକୁ ନ ଆସି ମୋ ମାମୁଘରକୁ ଯା।

ରିଙ୍କୁ: କାହିଁକି

ଟିଙ୍କୁ : କାହିଁକି ନା ସିଏ ତ ମସ୍ତିଷ୍କ ଡାକ୍ତର।

ଶିକ୍ଷକ: ଆଚ୍ଛା ପିଲାମାନେ – ପୁଅକୁ ଇଂଲିଶ୍‌ରେ ହି' କୁହାଯାଉଥିବା ବେଳେ ଝିଅକୁ ସି' କୁହାଯାଏ। ତେବେ କେତେଗୁଡ଼ିଏ ପୁଅଙ୍କୁ ଇଂଲିଶ୍‌ରେ କ'ଣ କୁହାଯିବ ?

ଗୋଲୁ କିଛି ସମୟ ଭାବି ପରେ କହିଲା–ହି ହି ହି ହି .....କହିବା।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,



# ଚାଲୁଥିବା ଗଛ

ଗଛର ଜୀବନ ଅଛି, ଆଉ ଗଛ ବି ମଣିଷଙ୍କ ଭଳି ଖାଏ ପିଏ ଓ ଛୋଟରୁ ବଡ ହୁଏ। ଏକଥା ସମସ୍ତେ ଜାଣନ୍ତି। ହେଲେ ଏମିତି ଏକ ଗଛ ଅଛି ଯାହା ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଚାଲି ପାରେ। ଏକଥା ଶୁଣିବା ପାଇଁ ହୁଏତ ଅଜବ ମନେ ହୋଇପାରେ। କିନ୍ତୁ ପ୍ରକୃତିର ଏମିତି ଏକ ବିସ୍ମୟ ହେଉଛି କାସ୍ୱୋନା ବୃକ୍ଷ, ଯାହା ଇକ୍ୱାଡୋରର ରେନ୍ ଫରେଷ୍ଟ ମଧ୍ୟରେ ଦେଖିବାକୁ ମିଳେ। ଏହାକୁ ଚାଲୁଥିବା ଗଛ ବି କୁହାଯାଏ। ଏହାର ବୈଜ୍ଞାନିକ ନାମ ସୋକ୍ରାଟିଆ ଏକ୍‌ଜୋରିଜା।

ତେବେ କାସ୍ୱୋନା ବୃକ୍ଷର ଏପରି ଏକ ବିଶେଷତ୍ୱ ପଛର ପ୍ରକୃତ ବୈଜ୍ଞାନିକ କାରଣ ମଧ୍ୟ ବେଶ୍ ରୋଚକ। ଏହି ଗଛଟି ଇକ୍ୱାଡୋରର ଘନ ଜଙ୍ଗଲ ମଧ୍ୟରେ ଦେଖାଯାଏ ଯେଉଁଠାରେ ସବୁ ସ୍ଥାନରେ ସୂର୍ଯ୍ୟଙ୍କ କିରଣ ମଧ୍ୟ ପହଞ୍ଚି ପାରି ନ ଥାଏ। ତେଣୁ ସୂର୍ଯ୍ୟଙ୍କ କିରଣ ପାଇବା ପାଇଁ ଏହି ଗଛଟି ତାର ମୂଳ ଚେରଗୁଡିକୁ ଢିଲା କରିଦିଏ ଓ ଧୀରେ ଧୀରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନକୁ ଚେର ମାଡିଯାଏ। ଆଉ ଏହା ପରେ ପୂର୍ବ ସ୍ଥାନରେ ଯେଉଁଠାରେ ସୂର୍ଯ୍ୟକିରଣ ପଡି ନ ଥାଏ ସେଠାରେ ଗଛର ଚେର ସମ୍ପୂର୍ଣ୍ଣ ଢିଲା ହୋଇ ନୂଆ ସ୍ଥାନରେ ମାଟିକୁ ଜାବୁଡି ଧରି ନିଏ। ଫଳରେ ଗଛର ସ୍ଥାନ ପରିବର୍ତ୍ତନ ହୋଇଯାଏ। ସ୍ଲୋଭାକ୍ ଷ୍ଟେଟ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଉଦ୍ଭିଦ ବିଜ୍ଞାନୀ ପିଟର ଭାନ୍‌ସ୍କି ପ୍ରଥମେ ଅନୁସନ୍ଧାନ କରି ଏହି ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ଏହାର ସ୍ଥାନାନ୍ତରଣର ପ୍ରକ୍ରିୟା ଅତ୍ୟନ୍ତ ଧୀର ହୋଇଥିବାରୁ ଏହା ସହଜରେ ଜଣା ପଡେ ନାହିଁ। ଦିନକୁ ଅତି ବେଶୀରେ ୨ ରୁ ୩ ସେଣ୍ଟି ମିଟର ଆଗକୁ ଯାଇଥାଏ। ତେଣୁ ଗୋଟିଏ ଗଛକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତରଣ ନିମନ୍ତେ ପ୍ରାୟ ୨ ବର୍ଷ ଲାଗିଯାଏ।

# ମତାମତ

❖ ଆଇନାରେ ପ୍ରକାଶିତ ପିଲା ଦୁଇଜଣଙ୍କର ଫଟୋ ସୁନ୍ଦର ହୋଇଥିଲା।

**– ବିକ୍ରମ ଷଡ଼ଙ୍ଗୀ, ବ୍ରହ୍ମପୁର**

❖ ପିକ୍‌ନିକ୍ ଟାଇମ୍‌ରେ ପିଲାମାନେ କେଉଁ ସ୍ଥାନକୁ ବୁଲିଯାଇଥିଲେ ସେ ବିଷୟରେ ଜାଣିହେଲା।

**– ବବ୍‌ଲୁ ନାୟକ, ନାଲ୍‌କୋ, ଅନୁଗୋଳ**

❖ ଗଳ୍ପରେ 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ପାଠଟି ଶିକ୍ଷଣୀୟ।

**– ପ୍ରଭାତ ବାରିକ୍, ନୟାଗଡ଼**

# ରଙ୍ଗ ଦିଅ



# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

# ନୂଆ ଯୋଜନା

**ଏହି ବର୍ଷ ନିଜ ଖୁସି ବଢ଼ାଇବା ଏବଂ ନିଜକୁ ଭଲ ବ୍ୟକ୍ତିତ୍ୱରେ ଗଢ଼ି ତୋଳିବା ଲାଗି କିଛି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ଏହି କଥା ତୁମ ଜୀବନକୁ ସରସ ସୁନ୍ଦର କରିବ। ଏମିତି କେତେକ କଥା ରହିଛି ଜାଣନ୍ତୁ ସେ ସମ୍ପର୍କରେ...**



ପିଲାଏ, ପ୍ରତିଥର ପରି ଏଥର ମଧ୍ୟ ନୂଆବର୍ଷକୁ ବେଶ୍ ଧୁମଧାମରେ ପାଳନ କରିଥିବ। ତେବେ ଏହି ବର୍ଷ ଲାଗି ନିଶ୍ଚୟ କିଛି ସ୍ପେଶାଲ ଯୋଜନା କରିଥିବ। ଗୋଟିଏ ପଟେ ପାଠପଢ଼ା ଅନ୍ୟପଟେ ନିଜ କରିକୁରାଲ ଆକ୍ଟିଭିଟିଜକୁ ଆଗେଇନେବାକୁ ହେବ। ତା'ସହ ନିଜର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଯତ୍ନବାନ୍ ହେବା ଦରକାର। ଏଥିଲାଗି କେତୋଟି ବିଷୟ ପ୍ରତି ନଜର ଦେବା ଆବଶ୍ୟକ। କାରଣ ନିଜ ଯୋଜନାଗୁଡ଼ିକ ଯଦି ଠିକ୍‌ଠାକ୍ ଚାଲିଲା ତେବେ ତୁମର ଜୀବନ ମଧ୍ୟ ସୁରୁଖୁରୁରେ ଆଗେଇ ଚାଲିବ। ତେବେ ଏଥିପାଇଁ ଯେଉଁ କେତୋଟି ବିଷୟ ପ୍ରତି ଦୃଷ୍ଟିଦେବ ଆସ ଜାଣିବା।

● ପ୍ରତିଦିନ ସକାଳୁ ସୂର୍ଯ୍ୟ ଉଦୟ ହେବା ପରେ ଏହାର କିରଣର ଆନନ୍ଦ ନିଅ। ଏହାଦ୍ୱାରା ତୁମକୁ ସକାଳୁ ବହୁତ ଭଲ ଅନୁଭବ ହେବ ଏବଂ ଶରୀର ଫୁର୍ତ୍ତି ହେବ। ତୁମେମାନେ ତ ଜାଣିଛ, ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ। ତେଣୁ ପ୍ରତିଦିନ ସକାଳେ କିଛି ସମୟର ସୂର୍ଯ୍ୟ କିରଣରେ ଠିଆ ହେବାକୁ ଚେଷ୍ଟାକର।

● ସବୁଜିମା ପରିବେଶ ମନରେ ଆନନ୍ଦ ଆଣିଥାଏ। ଏପରି କି ଭାରାକ୍ରାନ୍ତ ମନକୁ ହାଲୁକା କରେ। ତେଣୁ ପ୍ରତିଦିନ କିଛି ସମୟ ଗଛଲତା, ଫୁଲ, ପକ୍ଷୀ ସହ ସମୟ କଟାନ୍ତୁ।

● ବର୍ତ୍ତମାନ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉଛି। କାରଣ କଳକାରଖାନା, ଘର ନିର୍ମାଣ କରିବା ଲାଗି ଜଙ୍ଗଲ କଟା ଚାଲିଛି। ଜଙ୍ଗଲ ନ ରହିଲେ ଆମେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ତାହା ତ ତୁମେ ଜାଣିଛ। ତେଣୁ ନୂଆ ଗଛ ଲଗାଇବାକୁ ଯୋଜନା କର। ସାଙ୍ଗସାଥୀ ଏକାଠି ହୋଇ ଏଭଳି ମିଶନରେ ସାମିଲ ହୁଅ। ଏହାଦ୍ୱାରା ତୁମେ ପ୍ରକୃତି ସହ ଯୋଡ଼ିହୋଇ ରହିବ, ପରିବେଶକୁ କେତେକାଂଶରେ ସଂରକ୍ଷଣ କରିପାରିବ।

● ବର୍ତ୍ତମାନ ଫିଟ୍‌ନେସ୍ ପ୍ରତି ନଜର ଦେବାର ସମୟ ଆସିଛି। ତୁମେମାନେ ତ ଖେଳକୁଦ ନିଶ୍ଚୟ କରୁଥିବ। ତା'ସହ ନିଜର ଦୈନନ୍ଦିନ ରୁଟିନ୍‌ରେ ବ୍ୟାୟାମ, ଯୋଗ ଆଦି ସାମିଲ କରନ୍ତୁ। କାରଣ ଏହାଦ୍ୱାରା ତୁମେ ନିଜକୁ ସୁସ୍ଥ ରଖିପାରିବ ଓ ମନ ହାଲୁକା ରହିବ। ପାଠପଢ଼ା ପ୍ରତି ମଧ୍ୟ ଆଗ୍ରହ ବଢ଼ିବ।

● ସବୁବେଳେ ନିଜ ସାଙ୍ଗଙ୍କ ସହ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରନ୍ତୁ। ଯେହେତୁ ତୁମେମାନେ ପାଠ ପଢୁଛ, ତେଣୁ ସବୁବେଳେ ଭଲ ପିଲାଙ୍କ ସହ ସାଙ୍ଗ ହେବା ଦରକାର।

● ଅବସର ସମୟରେ ନିଜ ସମ୍ପର୍କୀୟଙ୍କ ସହ ସମୟ କାଟନ୍ତୁ। ଏହାଦ୍ୱାରା ପରସ୍ପର ଭିତରେ ସମ୍ପର୍କ ଆହୁରି ନିବିଡ଼ ହୋଇଥାଏ।

● ନିଜ ଜେଜେମା, ଜେଜେବାପାଙ୍କ ସହ ସମୟ ବିତାନ୍ତୁ। ଏପରି କରିବା ଦ୍ୱାରା ଜେଜେମା, ଜେଜେବାପାଙ୍କୁ ବି ଏକୁଟିଆ ଲାଗିବନି, ଏହାଦ୍ୱାରା ତାଙ୍କୁ ଖୁସି ମିଳିବା ସହ ତୁମକୁ ବି ତାଙ୍କର ସାଥ୍ ମିଳିବ।

● ପାଠପଢ଼ାରୁ ଟିକେ ଅବସର ମିଳିଲେ ଶିକ୍ଷଣୀୟ ବହି ପଢ଼ନ୍ତୁ। ପ୍ରତିଦିନ ଖବରକାଗଜ ପଢ଼ିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ଏହାଦ୍ୱାରା ତୁମର ଜ୍ଞାନ ବଢ଼ିବ।

● ପ୍ରତିଦିନ ଜଣଙ୍କୁ ସାହାଯ୍ୟ କରିବା କିମ୍ବା କୌଣସି ଭଲ କାମ କରିବାର ଅଭ୍ୟାସ ଜାରି ରଖିଲେ ଭଲ। ଏହି ଅଭ୍ୟାସ ତୁମକୁ ଭଲ ମଣିଷ ଗଢ଼ି ତୋଳିବାରେ ନିହାତି ସାହାଯ୍ୟ କରିବ।

● ବର୍ଷସାରା ପାଠ୍ୟପୁସ୍ତକ, ଟେବୁଲକୁ ସଜାଡ଼ି ରଖିବା ଏବଂ ବ୍ୟବସ୍ଥିତ ରଖିବା ଆବଶ୍ୟକ। ନିଜେ ବ୍ୟବସ୍ଥିତ ରହିବା ଦ୍ୱାରା ଆମ ଜୀବନ ସହଜ ହୋଇଥାଏ।

● ଅଯଥାରେ କାହା ଉପରେ ରାଗନ୍ତୁ ନାହିଁ କି କାହା ସହ ଅନାବଶ୍ୟକ ଯୁକ୍ତିତର୍କରେ ପଡ଼ନ୍ତୁ ନାହିଁ।

ତେବେ ପିଲାମାନେ ଏହିସବୁ କଥାକୁ ସଂକଳ୍ପ ରୂପରେ ତୁମ ଡାଏରୀରେ ଲେଖି ରଖ। ଏହାକୁ ଠିକ୍ ଭାବରେ ପାଳନକର। କାରଣ ନିଜ ଯୋଜନାକୁ ଠିକ୍ ଭାବରେ ଆଗକୁ ନେଇପାରିଲେ ତାହା ତୁମ ଜୀବନକୁ ଆହୁରି ସରସ ସୁନ୍ଦର କରିବ।



## ଏମାନେ କ'ଣ କରନ୍ତି..

### ନିଜ ଲୋକଙ୍କ ସହ ସମୟ ବିତାଏ



ପ୍ରତିଦିନ ସ୍କୁଲରୁ ଆସି ମୋର ସ୍କୁଲ ବ୍ୟାଗ୍ ଏବଂ ବହିପତ୍ରକୁ ସଜାଡ଼ି ରଖେ। ଏହାପରେ ହାତ ଗୋଡ଼ ମୁହଁ ଧୋଇ ଖାଇବାକୁ ବସେ। ମା' ଯାହା ରାନ୍ଧିଥାନ୍ତି ତାକୁ ଖାଇସାରିବା ପରେ ମୁଁ କିଛି ସମୟ ଶୋଇପଡ଼େ। ଶୋଇକି ଉଠିଲା ପରେ ଜେଜେମା', ମା' ବାପାଙ୍କ ସହ କିଛି ସମୟ କଥା ହୁଏ। ଏହାପରେ ସନ୍ଧ୍ୟା ହେଲେ ମୋ ପାଠ ପଢ଼ା ପାଇଁ ବସିପଡ଼େ।

**–ଆରତି ମୁଣ୍ଡା,** କ୍ଲାସ୍–୧୦, କାଳିକା ନାରାୟଣୀ ବିଦ୍ୟାପୀଠ, ପୁରୀ

### ପାଠପଢ଼ାକୁ ଗୁରୁତ୍ୱ ଦେବି



ଚଳିତବର୍ଷ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବି। କାରଣ ନିଜ କ୍ୟାରିୟର ପାଇଁ ପାଠପଢ଼ାର ବଡ଼ ଭୂମିକା ରହିଛି। ତେଣୁ ପାଠପଢ଼ାରେ ଯେମିତି କିଛି ବ୍ୟାଘାତ ସୃଷ୍ଟି ନ ହୁଏ ସେ ନେଇ ନିଜକୁ ଏବେଠାରୁ ପ୍ରସ୍ତୁତ କରିବା ଆରମ୍ଭ କରିଛି। ମନକୁ ହାଲକା କରିବା ପାଇଁ କିଛି ସମୟ ଖେଳିବି। ଅବସର ସମୟରେ ଏଣେତେଣେ ନ ବୁଲି ପାଠପଢ଼ା କିପରି ଆହୁରି ଭଲ ଭାବରେ ଆଗେଇ ନେବି ସେ ବିଷୟରେ ଚିନ୍ତା କରୁଛି।

**–ସୈୟଦ୍ ଅରମାନ୍,** କ୍ଲାସ୍–୯, ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସାଲେପୁର, କଟକ



୧

ସାତ୍ୟକୀ ଚାଟାର୍ଜୀ ପାତ୍ର
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର



୨

ଶ୍ରୀନିଧୀ ଦେଓ
କ୍ଲାସ- ୩, ବିଜେଇଏମ୍ ସ୍କୁଲ ୧, ଭୁବନେଶ୍ୱର



୩

ରବିନ୍ଦ୍ର ହାଁସଦା
କ୍ଲାସ- ୮ , ରାଇକମା ଆଶ୍ରମ ବିଦ୍ୟାଳୟ, ବୈଶିଙ୍ଗା, ମୟୁରଭଞ୍ଜ



୪

ଅନିଶା ପ୍ରିୟଦର୍ଶିନୀ
କ୍ଲାସ-୩, ଡାଫୋଡିଲ୍ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା



୫

ଶାଶ୍ୱତୀ ବେହେରା
କ୍ଲାସ- ୩, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ- ୪, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୬

ଦେବାଂଶ କୁମାର ନନ୍ଦ
କ୍ଲାସ- ୟୁକେଜି, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର



୭

ପ୍ରିୟାଂଶୀ ପାଢ଼ୀ
କ୍ଲାସ- ୭, ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର




୮

ଦ୍ରିସ୍ମା ସାହୁ
କ୍ଲାସ- ୫, ଆପିଜୀ ସ୍କୁଲ, ଭୁବନେଶ୍ୱର



୯


ପିଉ ପ୍ରିୟଦର୍ଶିନୀ ସାମଲ
କ୍ଲାସ- ୪, ଡାଫୋଡିଲ୍ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା




୧



୨



୩



୪




୫



୬



୭



୮



୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ଟ୍ରି ହଗ୍


ବେଳେବେଳେ ନୀରବରେ ଗଛ ମୂଳରେ ବସିଲେ ମନ ଖୁସି ହୋଇଯାଏ। ପ୍ରକୃତି ସହିତ ଏକାଠି ହୋଇ ବୁଲିବାର ବି ମଜା ଅଲଗା। ଏମିତି କିଛି ଉଦ୍ଦେଶ୍ୟ ନେଇ ଗଛକୁ କୋଳାଗ୍ରତ (ଟ୍ରି ହଗ୍) କରିଥିଲେ କେରଳ ଥିରୁଭାନନ୍ତପୁରମ୍‌ର ୪,୬୨୦ ଜଣ ବ୍ୟକ୍ତି। ଏଠାରେ ଥିବା ଜବାହରଲାଲ୍ ନେହେରୁ ଟ୍ରପିକାଲବଟାନିକ୍ ଗାର୍ଡେନ୍ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଜେଏନ୍‌ଟିବିଜିଆର୍‌ଆଇ)ଠାରେ ପ୍ରାୟ ସବୁ ବର୍ଗର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୨୦୧୭ ମାର୍ଚ୍ଚ ୨୧ ତାରିଖରେ ଏସିଆନେଟ୍ ନ୍ୟୁଜ୍ ନେଟୱର୍କ ପକ୍ଷରୁ ମାଇଁ ଟ୍ରି ମାଇଁ ଲାଇଫ୍ କାର୍ଯ୍ୟକ୍ରମ ନାଁରେ ଏଭଳି ଏକ ଆୟୋଜନ କରାଯାଇଥିଲା। ପରିବେଶ ଓ ମଣିଷ ପାଇଁ ଗଛର ଗୁରୁତ୍ୱ କେତେ ଅଧିକ ରହିଛି ସେନେଇ ସଚେତନ କରିବା ନିମନ୍ତେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତେ ଅତି କମ୍‌ରେ ୧ ମିନିଟ୍ ପାଇଁ ଗଛକୁ କୁଣ୍ଢେଇ ଧରିଥିଲେ। ତେବେ ଏକ ସମୟରେ ଏତେ ଜଣ ଏକାଠି ଗଛକୁ ଧରିଥିବାରୁ ଏହି କାର୍ଯ୍ୟକ୍ରମ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲା।

## ଏଥରର ?

- ଦହିରେ କେଉଁ ଏସିଡ୍ ରହିଥାଏ ?
- ଭାତରେ କେଉଁ ପ୍ରକାରର ଭିଟାମିନ୍ ଅଧିକ ରହିଛି ?
- ୟୁପିଆଇ(UPI) ମାଧ୍ୟମରେ ଏବେ ଟଙ୍କା କାରବାର କରାଯାଉଛି। ଏହାର ଫୁଲ୍‌ଫର୍ମ କଣ ?
- ଭାରତର ସମ୍ବିଧାନର ଜନକ ?
- ଗାନ୍ଧିଜୀଙ୍କର ଦୁଇଟି ମୁଖ୍ୟ ଅସ୍ତ୍ରର ନାମ ?

ଉ ତ ର

## ଗତଥରର



- ଆର୍‌ଆର୍‌ଆର୍ (୨୦୨୩)
- ଗୋଆ
- ଡକ୍ଟର ଏ.ପି.ଜେ ଅବଦୁଲ କଲାମ୍
- ପୃଥିବୀ, କାରଣ ଏହାର ୭୧ ଭାଗ ଜଳ
- ଓଟ

## କହିଲ ଦେଖି




ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀର ତିଥି
ବସନ୍ତର ଆଗମନ ଦିଏ ପରିଚିତି
ପତ୍ରଝଡ଼ା ଦେଇ ବୃକ୍ଷ ହୁଏ ପଲ୍ଲବିତ
ଋତୁ ମଧ୍ୟେ ସମସ୍ତଙ୍କୁ କରେ ଆମୋଦିତ
ମା' ସରସ୍ୱତୀ ହୋଇଥାନ୍ତି ଆବିର୍ଭୂତ
କୁହ ଦେଖି ଏ' ଦିନଟି କି ନାମେ ବିଦିତ ?

ଉତ୍ତର: **ବସନ୍ତ ପଞ୍ଚମୀ**



ସଙ୍ଗୀତ ପ୍ରସାର ପାଇଁ ବୀଣା ଧରିଛନ୍ତି
ପୁସ୍ତକ ହାତରେ ଧରି ବିଦ୍ୟା ଦେଉଛନ୍ତି
ଛାତ୍ରୀ ଛାତ୍ର କବି ଆଉ ଲେଖକଙ୍କ ପ୍ରିୟ
ବାଗ୍‌ଦେବୀ ରୂପରେ ଅଛି ତାଙ୍କ ପରିଚୟ
କହିଲ ଦେଖି ସେ ଦେବୀ ମାତାଙ୍କର ନାମ ?
ଖଡ଼ି ଛୁଇଁ ପାଠ ପଢୁ ଜଣାଇ ପ୍ରଣାମ।

ଉତ୍ତର: **ମା' ସରସ୍ୱତୀ**



ଯାହାକୁ ପାଇ ସମାଜେ ଆମେ, କହି ଶିଖିଲୁ କଥା
ଚାକିରି କରି ମଣିଷ ହେଲୁ ଉଚ୍ଚ କରିଲୁ ମଥା
ଦୁନିଆ ବକ୍ଷେ ଗଣତି ହେଲୁ ସଭ୍ୟ ମାନବ ରୂପେ
ସମାଜେ ସବୁ ଆମକୁ ଏବେ ଶିକ୍ଷିତ ଭାବେ ଦେଖେ।
କାଗଜର ଏ ଅମୂଲ୍ୟ ଧନ ତୁଳନା ତା'ର ନାହିଁ
ଜାଣିଛ ଯଦି ନାଆଁଟି ତା'ର ଦେଲ ଟିକିଏ କହି ?

ଉତ୍ତର: **ବହି**



କୋଇଲି ପରି ଝଙ୍କାର ତା'ର ବାଜଇ ଯେବେ କାନେ
ସକଳ ଦୁଃଖ ଦୂରେଇ ଯାଇ ଶାନ୍ତି ବିରାଜେ ମନେ
ସଙ୍ଗୀତକାର ପୂଜଇ ତାକୁ ଧୂପ ଓ ଦୀପ ଦେଇ
ସରସ୍ୱତୀଙ୍କ ଏ ଦାନ କେହି ଭୁଲି ପାରଇ ନାହିଁ।
ତାରରୁ ସ୍ୱର ବାହାରେ ଯେବେ ମନକୁ ନିଏ ମୋହି
ଦୁଇ ଅକ୍ଷର ନାମ ତାହାର, ପାରିଲେ ଦିଅ କହି ?

ଉତ୍ତର: **ବୀଣା**

**- ମୋହନ କୁମାର ସ୍ୱାଇଁ**
ବେଣାପୁର କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮



# ବିଦ୍ୟାଧନ ମହାଧନ

ସବୁଦିନ ପରି ନୁହଁ ଆଜି ଦିନ
ଆଜି ମା'ଙ୍କ ଶୁଭ ଜନମ ଦିନ
ବିଦ୍ୟାର୍ଥୀ ପୂଜନ୍ତି ନିର୍ମଳ ମନେ
ତବ ଆଗମନେ ଜଗତ ଝୁମେ।
ଶ୍ୱେତପଦ୍ମାସନେ ବିରାଜିତା
ଗଳା ବିଭୂଷିତା ଗଜମୁକ୍ତା
ହସ୍ତେ ଶୋଭଇ ବୀଣା ପୁସ୍ତିକା
ହଂସ ବାହିନୀ ମାଆ ଶାରଦା।
ନାମ ଜପି ମୂର୍ଖ କାଳିଦାସ
ତବ ଆଶିଷେ ହେଲେ ପଣ୍ଡିତ
ସବୁରି ମନେ ଥିଲେ ବିଶ୍ୱାସ
ବିଦ୍ୟା ବଳେ ଜିତେ ଜୀବନ ପଥ।
ବିଦ୍ୟାଧନ ଅଟଇ ମହାଧନ
ତା'ବିନା ଜୀବନ ନଥାଏ ପ୍ରାଣ
ରାଜା ପୂଜିତ ଆପଣା ଦେଶେ
ବିଦ୍ୱାନ୍ ପାଏ ଦେଶ ବିଦେଶେ।
ବିଦ୍ୟାଦାୟିନୀ ମାଆ ଭାରତୀ
କୃପାକର ଆହେ ! କୃପାମୟୀ
ତବ ପାଦପଦ୍ମେ କରୁ ମିନତି
ନିଅ ଆଗକୁ ଆମ ହାତ ଧରି।

**- ଚିତ୍ତରଞ୍ଜନ ମହାନ୍ତି**
ମୋ: ୯୪୩୮୬୭୦୧୫୦

# ଦିଅ ସାହସ ଶକତି

ଆହେ ବିଦ୍ୟାଦାତ୍ରୀ ମାଗୋ ସରସ୍ୱତୀ
ଗାଇ ତୁମ ଭକ୍ତି ଗୀତି
ଜଣାଉ ପ୍ରଣତି ଚରଣେ ତୁମରି
ମସ୍ତକକୁ ଆମେ ପାତି।
ତୁମ କୃପା ଥିଲେ ମୂରୁଖ ହୁଅଇ
ପଣ୍ଡିତ ଏ ପୃଥିବୀରେ
ଜ୍ଞାନ ଭିକ୍ଷା କରି ପୂଜନ୍ତି ତୁମକୁ
ମାଘ ଶୁକ୍ଳ ପଞ୍ଚମୀରେ।
ବିଦ୍ୟା ପ୍ରଦାୟିନୀ ଅଭୟଦାୟିନୀ
ମହିମା କେ କହି ପାରେ
ଦେବାରୁ ଆଶିଷ ମୂର୍ଖ କାଳିଦାସ
ମହାକବି ଏ ଧରାରେ।
ଭରିଦିଅ ଆମ ଅନ୍ତରେ ଭକତି
ଆହେ ଦେବୀ ଭଗବତୀ
ହେବାକୁ ସତ୍ୟର ଅନୁଗାମୀ ଆମେ
ଦିଅ ସାହସ ଶକତି।

**- ରାଜ କିଶୋର ସ୍ୱାଇଁ**
ଶାନ୍ତିନଗର, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

# ମାଆ ବୀଣାପାଣି

ଆସ ମାଆ ବୀଣାପାଣି
ଘେନ ଆମ ପୂଜା
କରିଚୁ ପାଠଶାଳାକୁ
ଭଲ ସାଜସଜ୍ଜା।
ରାତି ପାହାନ୍ତାରୁ ଉଠି
ତୋଳି ସଜଫୁଲ
ଗୁନ୍ଥିଚୁ ସୁନ୍ଦର ହାର
ସୁନା ହୀରା ତୁଲ।
ପିନ୍ଧିଚୁ ପୋଷାକ ନୂଆ
ଅତି ଖୁସିମନେ
ପାଇଲୁ ଜୀବନେ ବାଟ
ତୁମ ପାଠ ଦାନେ।
ତୁମ ପାଦେ ମନରଖି
ଯୋଡି ଦୁଇହାତ
ଭକତିରେ ଜଣାଇବୁ
ଆମ ଦୁଃଖ ମାତ।
ଦିଅ ମାଆ ପାଠ ଶାଠ
ହେବୁ ସୁନାପିଲା
ପାଠବଳେ ହସାଇବୁ
ଦେଶ ଗାଆଁ ଜିଲ୍ଲା।

**- ପ୍ରଶାନ୍ତ କୁମାର ଦାଶ**
ମୋ: ୯୬୬୮୮୨୨୧୯୦


ଇଣ୍ଡିଆନ୍ ଥିକ-ନି


ପେଣ୍ଟେଡ୍ ସ୍ୱରଫାଉଲ୍

ପକ୍ଷୀମାନେ ଯେତେବେଳେ ଏକାଠି ଉଡ଼ନ୍ତି, ତାହା ବହୁତ ସୁନ୍ଦର ଦେଖାଯାଇଥାଏ। ତା'ସହ ସେମାନଙ୍କର କିଚିରି ମିଚିରି ଶବ୍ଦ ମନ ମୋହିନିଏ। ପକ୍ଷୀ ଅଭୟାରଣ୍ୟରେ ବୁଲିବା ବେଳେ ସତେଯେମିତି ଲାଗେ ଯେ ଆମେ ଏକ ଭିନ୍ନ ରାଇଜକୁ ଚାଲିଆସିଛୁ। ଭିନ୍ନ ଭିନ୍ନ ପକ୍ଷୀ ନିଜର ରୂପ, ସ୍ୱର ପାଇଁ ଖ୍ୟାତ ହୋଇଥାନ୍ତି। ଶୁଆ, ଶାରୀ କଥା କହିପାରନ୍ତି। ହେଲେ ଏଭଳି କେତେକ ପକ୍ଷୀ ଅଛନ୍ତି, ଯେଉଁମାନେ ଅନ୍ୟମାନଙ୍କଠାରୁ କେତେକ ଗୁଣରେ ନିଆରା। ନିଜ ଜୀବନ ବଞ୍ଚାଇବାକୁ ସେମାନେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରନ୍ତି। କୌଣସି ବିପଦ ଆସିବାର ପ୍ରାକ୍-ସୂଚନା ମିଳିଲେ, ସେମାନେ ଏହାପୂର୍ବରୁ ସତର୍କ ହୋଇଯାଆନ୍ତି। ବିଶେଷଭାବରେ ଶିକାରୀର ତୀକ୍ଷ୍ଣ ନଜରରୁ ରକ୍ଷା ପାଇବାକୁ କେତେକ ପକ୍ଷୀ ନିଜର ରଙ୍ଗ ବଦଳାଇଥାଆନ୍ତି, ଯଦ୍ୱାରା ଶିକାରୀ ସହଜରେ ତାଙ୍କୁ ଠାବ କରିପାରି ନ ଥାଏ। ଏଭଳି କେତୋଟି ନିଆରା ପକ୍ଷୀଙ୍କ ବିଷୟରେ ଆସ ଜାଣିବା..

# ରଙ୍ଗ ବଦଳାଉଥିବା ପକ୍ଷୀ


ଇଣ୍ଡିଆନ୍ ନାଇଟ୍‌ଜାର

## ଇଣ୍ଡିଆନ୍ ନାଇଟ୍‌ଜାର

ଏହି ପ୍ରଜାତିର ପକ୍ଷୀ ବିଶେଷ ଭାବରେ ରାତି ସମୟରେ ଅଧିକ ସକ୍ରିୟ ରୁହନ୍ତି। ଶତ୍ରୁ କବଳରୁ ନିଜକୁ ଲୁଚାଇ ରଖିବା କଳା ଏଭଳି ପକ୍ଷୀଙ୍କୁ ବେଶ୍ ଭଲ ଭାବରେ ଜଣା। ଏହାର ଶରୀରର ରଙ୍ଗ ଗଛ ସହ ମିଶିଯାଇଥାଏ। ତେଣୁ ଦିନ ସମୟରେ ସେମାନେ ତଳେ ଏଭଳି ଶୋଇଥାଆନ୍ତି, ଯାହାଙ୍କୁ ଚିହ୍ନିବା କଷ୍ଟକର ହୋଇଯାଇଥାଏ। ଘାସ ହେଉ ବା ଗଛର ସବୁଜ ପତ୍ର ତଳେ ଏସବୁ ପକ୍ଷୀ ବେଶ୍ କାଇଦାର ସହ ନିଜକୁ ଲୁଚାଇ ରଖନ୍ତି। ଫଳରେ ଶିକାରୀ ସେମାନଙ୍କୁ ସହଜରେ ଠାବ କରିପାରି ନ ଥାଏ। ଏମାନଙ୍କୁ ମଧ୍ୟ 'ଘୋଷ୍ଟ ବାର୍ଡ' କୁହାଯାଏ। ଏସବୁ ପକ୍ଷୀ ବସାରେ ଅଣ୍ଡା ନ ଦେଇ ତଳେ ଅଣ୍ଡା ଦିଅନ୍ତି।

## ଟନି ଆଉଲ୍


ଟନି ଆଉଲ

ଟନି ଆଉଲ୍ ବା ପେଚା ଭାରତର ପୂର୍ବ ଭାଗରେ ଦେଖାଯାଆନ୍ତି। ଏମାନେ ସବୁବେଳେ ଘଞ୍ଚ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି। ଏଭଳି ପେଚାଙ୍କର ରଙ୍ଗ ହେଉଛି ବାଦାମୀ। ଏଥିଯୋଗୁ ସେମାନେ ସହଜରେ ନିଜକୁ ଅଦୃଶ୍ୟ କରିବାରେ ସଫଳ ହୋଇଥାଆନ୍ତି। ଏପରିକି ଯଦି ଏମାନେ ଗଛରେ ବସିଥାଆନ୍ତି, ଜଣେ ସହଜରେ ସେମାନଙ୍କୁ ଦେଖିପାରିବ ନାହିଁ। ଆଲୋକରେ ରହିବାକୁ ଏମାନେ ଆଦୌ ପସନ୍ଦ କରି ନ ଥା'ନ୍ତି ଏବଂ ରାତିରେ ବୁଲିଥାଆନ୍ତି।

## ଇଣ୍ଡିଆନ୍ ଥିକ-ନି

ଇଣ୍ଡିଆନ୍ ଥିକ-ନି ଏଭଳି ଏକ ବିଚିତ୍ର ପକ୍ଷୀ, ଯେଉଁମାନେ ନିଜକୁ ପଥୁରିଆ ଅଞ୍ଚଳରେ ବେଶ୍ ଚତୁରତାର ସହ ଲୁଚାଇ ରଖିପାରନ୍ତି। ଏଭଳି ପକ୍ଷୀ ବିଶେଷଭାବରେ ଆମ ଦେଶରେ ଦକ୍ଷିଣ ଭାଗରେ ବେଶି ଦେଖିବାକୁ ମିଳନ୍ତି। ଘଞ୍ଚ ଜଙ୍ଗଲ ହେଉ ଅବା ପତ୍ରଝଡ଼ା ଜଙ୍ଗଲରେ ନିଜକୁ ଲୁଚାଇ ରଖିବାର କଳା ଏମାନଙ୍କୁ ଭଲ ଭାବରେ ଜଣା। ଏମାନଙ୍କର ଶରୀରର ରଙ୍ଗ ପଥର ପରି। ଏଭଳି ପକ୍ଷୀଙ୍କର ପର ମାଟି, ଧୂଳି ଏବଂ ଶୁଖିଲା ପତ୍ର ପରି ଦେଖାଯାଇଥାଏ।

## ପେଣ୍ଟେଡ୍ ସ୍ୱରଫାଉଲ

ପେଣ୍ଟେଡ ସ୍ୱରଫାଉଲ ଏଭଳି ଏକ ଚତୁର ପକ୍ଷୀ, ଯାହାକୁ ଆତ୍ମସୁରକ୍ଷା କଳା ଭଲ ଭାବରେ ଜଣା। ଏମାନେ ପାହାଡ଼ିଆ ଅଞ୍ଚଳରେ ରହିବାକୁ ପସନ୍ଦ କରିଥା'ନ୍ତି। ଅଣ୍ଡିରା ସ୍ୱରପାଉଲ ଅଧିକ ଉଜ୍ଜ୍ୱଳ ଦେଖାଯାଉଥିବା ବେଳେ ଶରୀରରେ ଧଳାରଙ୍ଗର ଟିପ୍‌ଟିପ୍ ଚିହ୍ନ ପଡ଼ିଥିବାର ଦେଖାଯାଏ। ଅପରପକ୍ଷରେ ମାଈ ସ୍ୱରଫାଉଲଙ୍କ ରଙ୍ଗ ହାଲୁକା ବାଦାମୀ ରଙ୍ଗର ହୋଇଥିବା ବେଳେ ଶରୀରରେ ଏତେଟା ଦାଗ ଦେଖାଯାଏନି। ମୁଣ୍ଡ ଓ ବେକରେ ସବୁଜ ରଙ୍ଗର ଚମକ ରହିଥାଏ। ଲାଞ୍ଜ କଳା ଏବଂ ପିଠିର ରଙ୍ଗ ଗାଢ଼ ବାଦାମୀ ରଙ୍ଗର ହୋଇଥାଏ। ଏଭଳି ପକ୍ଷୀ, କେରଳ, କର୍ନାଟକ, ତାମିଲନାଡୁରେ ଦେଖିବାକୁ ମିଳନ୍ତି। ଏହି ପକ୍ଷୀର ରଙ୍ଗ ସମ୍ପୂର୍ଣ୍ଣ ଭାବରେ ନାଲିମାଟି ପରି। ସେଥିପାଇଁ ଏମାନେ ନିଜକୁ ଏଭଳି ଭାବରେ ଲୁଚାଇବାରେ ସକ୍ଷମ ହୋଇଥାଆନ୍ତି ଯେ, ଶିକାରୀ ସେମାନଙ୍କୁ ଖୋଜି ଖୋଜି ହାଲିଆ ହୋଇଯିବେ ପଛେ ପାଇବେ ନାହିଁ। ଏମାନେ ଲାଜକୁଳୀ ଶ୍ରେଣୀୟ ପକ୍ଷୀ। ତେଣୁ ସେମାନେ ଘଞ୍ଚ ଜଙ୍ଗଲରେ ଏକୁଟିଆ ରହିବାକୁ ପସନ୍ଦ କରନ୍ତି।

# ନୀଳ ରଙ୍ଗ କାହିଁକି ଏରୋପ୍ଲେନ୍ ସିଟ୍

ଏରୋପ୍ଲେନ୍ ବା ଉଡ଼ାଜାହାଜ ଦ୍ୱାରା ଜଣେ ଗୋଟିଏ ସ୍ଥାନରୁ ଅନ୍ୟ ଗନ୍ତବ୍ୟସ୍ଥଳକୁ ଅଳ୍ପ ସମୟ ଭିତରେ ପହଁଞ୍ଚିପାରିଥାନ୍ତି। ଏହାର ଗଠନ ପଛରେ ଅନେକ ମଜାଦାର କଥା ରହିଛି। ଯଦି ଏହାର ସିଟ୍ କଭର ବିଷୟରେ ଆଲୋଚନା କରାଯାଏ, ତେବେ ଏହା ପଛରେ ମଧ୍ୟ କେତେକ କୌତୂହଳପୂର୍ଣ୍ଣ ବିଷୟ ରହିଛି। ପ୍ରଥମ କଥା ହେଲା ଗାଢ଼ ନୀଳ ବା ଡିପ୍ ବ୍ଲୁ ରଙ୍ଗର କପଡ଼ାକୁ ଦେଖିଲେ ମନରୁ ଚାପ କେତେକାଂଶରେ ଦୂର ହୋଇଥାଏ। ଏଭଳି ରଙ୍ଗ ମନରେ ଶାନ୍ତି ଓ ଭରସା ଆଣିଥାଏ। ଏହି ସିଟ୍‌ଗୁଡିକରେ ଯଦି ଧୂଳିମଳି ଲାଗି ଅପରିଷ୍କାର ହୋଇଯାଏ ତେବେ ଏଥିରେ ଏତେଟା ସହଜରେ ଜଣାଯାଇନଥାଏ। ଯାହା ଫଳରେ ଏହାର ଦେଖାଶୁଣା କରିବା ସହଜ ହୋଇଥାଏ। ତେଣୁ ଅଧିକାଂଶ ଉଡ଼ାଜାହାଜର ସିଟ୍ କଭରର ରଙ୍ଗ ନୀଳ ହୋଇଥାଏ।



# ଆଇନା



ସାନ୍‌ଭୀ ସାହୁ

୮ ବର୍ଷ/ ଅନୁଗୋଳ




ବୈଦେହୀ ବେହେରା

୪ ବର୍ଷ/ ଜଗତ୍‌ସିଂହପୁର